ସକାଳ THE SAKALA



# ବସ୍ ପଛପଟୁ ଧକ୍କା ଦେଲା ଟ୍ରକ୍; ବର୍ତ୍ତିଲେ ୨୫ ଯାତ୍ରୀ

**ସୋହେଲା, ୧୧।୪(ସମିସ)**

ରାଉରକେଲାରୁ ରାୟପୁର ଅଭିମୁଖେ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ ଶୁକ୍ରବାର ସୋହେଲା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରାୟପୁର ଯାଉଥିବା ବସ୍‌କୁ ପଛରୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା ଫଳରେ ବସ୍‌ଟି ଭାରସାମ୍ୟ ହରାଇ ସୋହେଲା ରାଙ୍ଗି ନଦୀ ପାଖରେ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମରରେ ପିଟି ହୋଇଥିଲା। ଶୁକ୍ରବାର ରାତି ପ୍ରାୟ ୧୧ ଟା ୩୦ ସମୟରେ ରାଉରକେଲାରୁ ରାୟପୁର ଅଭିମୁଖେ ଯାଉଥିବା ଘରୋଇ ବସ୍ (ଲକ୍ଷ୍ମୀ) ସୋହେଲା ରାଙ୍ଗିନଦୀ ପାଖରେ ଜଣେ ଯାତ୍ରୀଙ୍କୁ ଓହ୍ଲାଇବା ପାଇଁ ବସ ଅଟକି ଥିବାବେଳେ ପଛରୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ବସ୍‌ରେ ଶିଶୁ, ମହିଳା ସମେତ ପ୍ରାୟ ୨୫ ଜଣ ଯାତ୍ରୀ ବସିଥିଲେ। ଉଚ୍ଚ କ୍ଷମତା ସମ୍ପନ୍ନ ଏହି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ବସ୍ ଧକ୍କା ଦେବାରୁ ପ୍ରବଳ ବିସ୍ଫୋରଣ ଶବ୍ଦ ହୋଇ ଭୟରେ ଆଖପାଖର ଲୋକେ ଘରୁ ବାହାରି ଆସିଥିଲେ। ବସ୍‌ରେ ଥିବା ଯାତ୍ରୀମାନେ ଜୀବନ ବିକଳରେ ଚିତ୍କାର କରିଥିଲେ। ଦୁର୍ଘଟଣା କାରଣରୁ ଦୀର୍ଘ ସମୟ ଧରି ସୋହେଲାରେ ବିଦ୍ୟୁତ ଯୋଗାଣ ବନ୍ଦ ରହିଥିଲା। ଦୁର୍ଘଟଣାର ଖବରପାଇ ସୋହେଲା ପୁଲିସ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଘଟଣାସ୍ଥଳରେ ପହଞ୍ଚି ବସ୍ ଭିତରେ ଥିବା ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଏହି ଦୁର୍ଘଟଣା ଯୋଗୁଁ ଆଠ ଜଣ ଯାତ୍ରୀ ସାମାନ୍ୟ ଆହତ




ହୋଇଥିବା ବେଳେ ସେମାନଙ୍କୁ ସୋହେଲା ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଦୁର୍ଘଟଣା ପରେ କିଛି ଯାତ୍ରୀ ଅନ୍ୟ ବସ୍‌ରେ ଗନ୍ତବ୍ୟସ୍ଥଳକୁ ଯାଇଥିବା ବେଳେ ଅନ୍ୟ କିଛି ଯାତ୍ରୀ ଭୟରେ ନିଜ ଘରକୁ ଫେରି ଯାଇଥିଲେ। ରାତିରେ ଏକ ହାଇଡ୍ରା ଆଣି ରାସ୍ତା ଉପରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଉଭୟ ଟ୍ରକ୍ ଏବଂ ବସକୁ ରାସ୍ତାରୁ ହଟାଇବା ପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଘଟାଇ ଥିବା ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ପୁଲିସ ବସ୍ ଡ୍ରାଇଭରକୁ ଅଟକ ରଖି ତଦନ୍ତ କରୁଛି।

# ୬୮ ବର୍ଷ ପରେ ବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ

**ଝାରବନ୍ଧ, ୧୧।୪(ସମିସ):** ଝାରବନ୍ଧ ବ୍ଲକ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁର୍ମାକୁ ୬୮ ବର୍ଷ ପରେ ଜମିର ପଟ୍ଟା ପ୍ରଦାନ କରାଯାଇଛି। ୧୯୫୮ ମସିହାରେ ଗ୍ରାମର ସତ୍ୟବତୀ ଭୋଇ, ଲୋଚନ ଭୋଇ, ମଧୁସୂଦନ ଭୋଇ (ପିତାବନମାଳୀ ଭୋଇ), ବେଣୁଧର ଭୋଇ, ହରେକୃଷ୍ଣ ଭୋଇ, ତୁଳାରାମ ଭୋଇ, ନରେନ୍ଦ୍ର ଭୋଇ, ପଞ୍ଚୁ ଭୋଇ ଓ ଭୁରୁ ଭୋଇ (ପିତାମକୁନ୍ଦ ଭୋଇ) ମିଶି ୬୮ ଡିସିମିଲ ଜମି ବିଦ୍ୟାଳୟ ପାଇଁ ଦାନ କରିଥିଲେ। କିନ୍ତୁ ବର୍ଷ ଧରି ଏହି ଜମିର ପଟ୍ଟା ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିଲା ଏବଂ ଅପେକ୍ଷାରେ ପଡ଼ି ରହିଥିଲା। ପରେ ଏହି ବିଷୟଟି ତତ୍କାଳୀନ ଉପଜିଲ୍ଲାପାଳ ଅରୁଗୁଳା ସ୍ନେହାଙ୍କ ନଜରକୁ ଆସିଥିବାରୁ ସେ ପଟ୍ଟା ପ୍ରଦାନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗୌଡ଼ମାଳ କ୍ଲଷ୍ଟର ସିଆରସିସି ପୁରନ୍ଦର କୁମ୍ଭାର ଓ ପ୍ରଧାନଶିକ୍ଷକ ଶରତ କୁମାର ସାହୁ ଆବଶ୍ୟକୀୟ କାଗଜପତ୍ର ଦେଇ ଆବେଦନ କରିଥିଲେ। ତଦନ୍ତ ପରେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା ଓ ଅତିରିକ୍ତ ତହସିଲଦାର ବିଶ୍ୱକ ସେନ ପୁରୋହିତଙ୍କ ପକ୍ଷରୁ ୧୦ ତାରିଖରେ ପଟ୍ଟା ପ୍ରଦାନ



କରାଯାଇଥିଲା। ଏହା ଆଗାମୀ ଦିନରେ ବିଦ୍ୟାଳୟର ଉନ୍ନତି ଓ ପ୍ରସାର ପାଇଁ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ। ଝାରବନ୍ଧ ତହସିଲ ଅଧୀନରେ ପୂର୍ବରୁ ୪୭ଟି ବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ କରାଯାଇଛି।

# ଝାରସୁଗୁଡ଼ା ପୁଲିସର ପାସ୍‌ପୋର୍ଟ ପ୍ରକ୍ରିୟା ସ୍ୱଚ୍ଛ ଓ ଶୀଘ୍ର

## ସହଜରେ ପାଇ ପ୍ରଶଂସା କଲେ ଆବେଦନକାରୀ

**ସମ୍ବଲପୁର, ୧୧।୪ (ସମିସ):** ଝାରସୁଗୁଡ଼ା ଜିଲ୍ଲା ପୁଲିସର ପାସପୋର୍ଟ ଯାଞ୍ଚ ପ୍ରକ୍ରିୟା ସହଜ ହୋଇଛି। ବିଶେଷଭାବେ ନାଗରିକଙ୍କୁ ହଇରାଣ ନ କରି କିଭଳି ସହଜରେ ଏହା ପାଇ ପାରିବେ ସେ ନେଇ ଚେଷ୍ଟା ଜାରି ରହିଛି। ଯାହାକୁ ନେଇ ଆବେଦନକାରୀ ଜିଲ୍ଲାପୁଲିସକୁ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି। ସୂଚନା ଅନୁସାରେ ଝାରସୁଗୁଡ଼ା ଜିଲ୍ଲା ପୁଲିସ ପକ୍ଷରୁ ନାଗରିକ ସେବାକୁ ଅଧିକ ସୁଦୃଢ଼ ଓ ସ୍ୱଚ୍ଛ କରିବା ପାଇଁ ପଦକ୍ଷେପ ଜାରି ରହିଛି। ବିଶେଷ କରି ପାସପୋର୍ଟ ଯାଞ୍ଚ ପ୍ରକ୍ରିୟାରେ ବ୍ୟାପକ ସଂସ୍କାର ଅଣାଯିବା ସହ କିପରି ଆବେଦନକାରୀ ସହଜରେ ପାଇପାରିବ ସେ ନେଇ ତ୍ୱରାନ୍ୱିତ କରାଯାଇଛି। ନିକଟରେ ଭରତ ଅବସ୍ଥୀ ଏବଂ ଶିବ କୁମାର ବୋନ୍ଦିଆ ପାସପୋର୍ଟ ପାଇଁ ଆବେଦନ କରିଥିଲେ। ପୁଲିସ ସେମାନଙ୍କୁ ହଇରାଣ ନ କରି ଅତ୍ୟନ୍ତ କମ୍ ସମୟରେ ପାସପୋର୍ଟ ଯାଞ୍ଚ ପ୍ରକ୍ରିୟା ଶେଷ କରିଛି। ଯାହାକୁ ନେଇ ଆବେଦନକାରୀ ପ୍ରଶଂସା କରିଛନ୍ତି। ସେମାନେ କହିଛନ୍ତି, ପୂର୍ବରୁ ପାସପୋର୍ଟ ଯାଞ୍ଚ ବେଳେ ପୁଲିସ ବାରମ୍ବାର ଲାଞ୍ଚ ମାଗି ହଇରାଣ କରିଥିଲା। କିନ୍ତୁ ବର୍ତ୍ତମାନ ଝାରସୁଗୁଡ଼ା ଏସପି ଜି ରାଘବେନ୍ଦ୍ର ରେଡିଙ୍କ ପ୍ରୟାସ ଯୋଗୁଁ ଏହି ପ୍ରକ୍ରିୟା ସହଜ ହୋଇପାରିଥିବା ଆବେଦନକାରୀ କହିଛନ୍ତି। ସେହିପରି ଅନ୍ୟ ଜଣେ ଆବେଦନକାରୀ ସୁମିତ କୁମାର ସିଂ ପୁଲିସର କାର୍ଯ୍ୟଶୈଳୀକୁ ଉଚ୍ଚ ପ୍ରଶଂସା କରିଛନ୍ତି।ଏସପି ରେଡି କହିଛନ୍ତି ପାସପୋର୍ଟ ଯାଞ୍ଚ ହେଉଛି ପୁଲିସର ଏକ ପ୍ରମୁଖ ନାଗରିକ ସେବା। ପ୍ରତ୍ୟେକ ଆବେଦନକାରୀ ଯେପରି ସ୍ୱଚ୍ଛ ଓ ବାଧାମୁକ୍ତ ସେବା ପାଇବେ। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ଦୁର୍ନୀତିମୁକ୍ତ ଓ ସମୟବଦ୍ଧ ରହିବ।

# ବରେଇପାଲିର ଝଣ୍ଡା ଯାତ୍ରା

**ସମ୍ବଲପୁର, ୧୧।୪ (ସମିସ) :** ହନୁମାନ ଜୟନ୍ତୀ ଅବସରରେ ଆଜି ଅପରାହ୍ଣରେ ସମ୍ବଲପୁର ମହାନଗର ବରେଇପାଲି ଅଞ୍ଚଳରେ ହିନ୍ଦୁ ଯୁବା ସଂଗଠନ ପକ୍ଷରୁ ଏକ ଭବ୍ୟ ଝଣ୍ଡା ଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଯାତ୍ରା ଡେଙ୍ଗସର୍ଗୀସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ସହ ଆରମ୍ଭ ହୋଇ ବରେଇପାଲି ଛକ ହୋଇ ନୁଆଁପଡ଼ା ମାର୍ଗରେ ପରିକ୍ରମା କରି ପୁନଃ ବରେଇପାଲି ଛକରେ ପହଞ୍ଚି ଝଣ୍ଡା ସ୍ଥାପନ କରାଯାଇଥିଲା। ଯାତ୍ରାରେ ବହୁ ସଂଖ୍ୟକ ଭକ୍ତ ଓ ସ୍ଥାନୀୟ ନାଗରିକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବରେଇପାଲି ହିନ୍ଦୁ ଯୁବା ସଂଗଠନର ସଦସ୍ୟ ବିକାଶ ଖାତି, ହୀରା ସିଂ, ସତ୍ୟେନ୍ଦ୍ର କୁମାର ଦାଶ, ସନ୍ତୋଷ ମହାନ୍ତି, ସୂରଜ ଓରାମ, ସୁଧୀର ଓରାମ, କରଣ ଓରାମ, ଦୀପକ ଠାକୁର, ସୁରେନ୍ଦ୍ର ସାହୁ, ବିଶ୍ୱନାଥ ପଟେଲ, ମାଲଦୀପ ସାହୁ, ମୁକେଶ ସାହୁ, ପଙ୍କଜ ରାମ, ସୁଶାନ୍ତ ଭୋଇ, ଟିକେଶ୍ୱର ସାହୁ, ବବ୍ରୁବାହାନ ପଟେଲ, ବିଶ୍ୱାମିତ୍ର ସାହୁ ପ୍ରମୁଖ ବହୁ ସଦସ୍ୟ ସକ୍ରିୟ ଭୂମିକା ନିର୍ବାହ କରିଥିଲେ।



# ଗୁରୁ ଭଗବାନ ସାହୁଙ୍କ ଜୀବନୀ ଉପରେ ହେବ ନାଟକ

**ବରଗଡ଼, ୧୧।୪(ସମିସ):** ପଶ୍ଚିମ ଓଡ଼ିଶାର କୁଟାସିଂହା ଗ୍ରାମର ଶାସ୍ତ୍ରୀୟ ଶବ୍ଦ ନୃତ୍ୟର ଆଦି ଗୁରୁ ଭଜମନ ଦାସ ଏବଂ ଐତିହାସିକ ଗ୍ରାମ କୁଟାସିଂହାକୁ ଲୋକଲୋଚନକୁ



ଆଣିବା ସହ ଶବ୍ଦ ନୃତ୍ୟର ପ୍ରଚାରପ୍ରସାର କରିଥିବା ଗୁରୁ ଭଗବାନ ସାହୁଙ୍କ ଜିବନୀ ଉପରେ ନାଟକ ପ୍ରସ୍ତୁତ ହୋଇଛି। ନାଟ୍ୟକାର ରାଜକୁମାର ସାହୁ ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ଅବସରରେ ପରିବେଷଣ କରିବାକୁ ଯାଉଛନ୍ତି। ନାଟ୍ୟକାର ରାଜକୁମାର ସାହୁଙ୍କ ଉଦ୍ୟମ ପାଇଁ ଶବ୍ଦନୃତ୍ୟ ଆଦି ଗୁରୁ ଭଜମନ ଦାସ କଳା ପରିଷଦ ତରଫରୁ ଆବାହକ ସରୋଜ କୁମର ଦାସ, ସନ୍ତୋଷ କୁମାର ବିଶି, ସରପଞ୍ଚ ଡିଗ୍ରୀ ମେହେର, ସମିତିସଭ୍ୟ ପ୍ରକାଶ ବେହେରା, ସୁରେଶ ଚନ୍ଦ୍ର ଦାସ, ଆନନ୍ଦ ପଶାୟତ, ଦିନେଶ ଦାସ, ନିମାଇଁ ଚରଣ ଦାସ, ଅନିରୁଦ୍ଧ ପାତ୍ର, ପବିତ୍ର ମୋହନ ବେହେରା, ଦୁଃଖିସ୍ୟାମ ଦାଶ, ନନ୍ଦଲାଲ ଦାଶ, ବୃନ୍ଦାବନ ପୁରୋହିତ, ବରୁଣ ବଗର୍ତ୍ତି, ସୁବାସ ସାହୁ, ରାଧେଶ୍ୟାମ ମେହେର, ମୁରଲୀଧର ସେଠୀ, ପବୀତ୍ର ପାତ୍ର, ଧର୍ମେନ୍ଦ୍ର ସେଠୀ, ଅରକ୍ଷିତ ବେହେରା, କ୍ଷୀର ସାହୁ, ଦେବବର ପାତ୍ର, ହଳଧର ପାତ୍ର, ଗଗନ ବେହେରା, ନିରଞ୍ଜନ ଦେହେରି ପ୍ରମୁଖ ଗୁରୁ ଭଗବାନ ସାହୁଙ୍କ ଅବଦାନକୁ ଘରେ ଘରେ ପହୁଞ୍ଚାଇବାର ଉଦ୍ୟମ ପାଇଁ ସାଧୁବାଦ ଜଣାଇବା ସହିତ କୁଟାସିଂହ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ଅମୃତ ପିଢ଼ି ସାରସ୍ୱତ ସମାରୋହ



**ବରଗଡ଼, ୧୧। ୪(ସମିସ):** ଓଡ଼ିଆ ଭାଷା ଆମ ଅସ୍ମିତା, ଆମ ଗୌରବ। ମହାପୁରୁଷଙ୍କ କାଳଜୟୀ ସୃଷ୍ଟିରେ ଋଦ୍ଧିମନ୍ତ ଆମ ସାରସ୍ୱତ ଜଗତ ଆଜି ବି ପ୍ରେରଣାର ଅକ୍ଷୟ ଉତ୍ସ। ଏହି ସାହିତ୍ୟକୁ ସୁଦୂରପ୍ରସାରୀ କରିବା ଏବଂ ନୂତନ ପିଢ଼ିଙ୍କ ମଧ୍ୟରେ ଭାଷା ପ୍ରତି ଅନୁରାଗ ସୃଷ୍ଟି କରିବା ପାଇଁ ଓଡ଼ିଆ ପକ୍ଷ-୨୦୨୬ ଅବସରରେ ଆଜି ରାଜ୍ୟର ସମସ୍ତ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ହୋଇଛି 'ଅମୃତ ପିଢ଼ି ସାରସ୍ୱତ ସମାରୋହ'। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାକୁ ସମ୍ମାନ ଜଣାଇବା ତଥା ଆମ ଭାଷାର ସୌରଭକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ବକ୍ତୃତା, ପ୍ରବନ୍ଧ ଲିଖନ ଏବଂ କବିତା ଲିଖନ ପ୍ରତିଯୋଗିତା ଆୟୋଜନ ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜ କୁମାର ଦେବତା ଏବଂ ସଂସ୍କୃତି ଅଧିକାରୀ ତାହିର ହୁସେନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ

**ପାଇକମାଲ, ୧୧।୪(ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଓଡ଼ିଆ ପକ୍ଷ ଓ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଫକୀରମୋହନ ସେନାପତିଙ୍କ କଥା ସାହିତ୍ୟରେ ସମାଜିକ ଚିତ୍ର ଶୀର୍ଷକରେ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜମଲା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପ୍ରଧାନ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ତୋଷ ସିଂହ ଠାକୁର ଫକୀରମୋହନ ସାହିତ୍ୟର ସମାଜିକ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିବାବେଳେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ କୃଷ୍ଣଚନ୍ଦ୍ର ଦେବତା ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟ କୃତୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗର ଛାତ୍ର ପ୍ରକାଶ ମାଝୀ, ଛାତ୍ରୀ ରୂପା ବାଗ ଓ ଛାତ୍ରୀ ଝରଣା ରଣା ଫକୀରମୋହନଙ୍କ ସାହିତ୍ୟ ସମ୍ପର୍କରେ ପ୍ରବନ୍ଧ ପାଠ ପଢ଼ିଥିଲେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ କବିତା ଲିଖନ, ଓଡ଼ିଆ ପ୍ରବନ୍ଧ ଲିଖନ ଓ ଓଡ଼ିଆ ଗଳ୍ପ ଲିଖନ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଆ ବିଭାଗର ଅଧ୍ୟାପକ ଡଃ ଅମରେଶ ଠାକୁର ଫକୀରମୋହନଙ୍କ ସୃଷ୍ଟି ଚିରକାଳ ପାଇଁ ଅମର ବୋଲି ବକ୍ତବ୍ୟ ରଖିଥିଲେ। ଏଥିରେ ଅଧ୍ୟାପକ ସୁମିତାବ ନାୟକ, ଦେବକାନ୍ତ ନାୟକ, ପୁଷ୍ପକାନ୍ତ ସାହୁ, ବିଜୟ କୁମାର ମେହେର, ଅଧ୍ୟାପିକା ବବିତା ମଲ୍ଲିକ, ସସ୍ମିତା ସରିଆ, ରୋହିତ ପ୍ରଧାନ, ଗୁରୁଚରଣ ବଣ୍ତା ପ୍ରମୁଖ ସହଯୋଗ କରିଥିବାବେଳେ ଅଧ୍ୟାପକ ଅମରେଶ ଠାକୁର ଧନ୍ୟବାଦ ଦେଇଥିଲେ।

# ଡ. ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ଭୀମ ଉତ୍ସବ




**ସମ୍ବଲପୁର, ୧୧।୪(ସମିସ):** ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଆସନ୍ତା ୧୪ ତାରିଖରେ ଡ. ଆମ୍ବେଦକର ଯୁବକ ସଂଘ ପକ୍ଷରୁ ୨୫ ତମ ଏକ ଭବ୍ୟ 'ଭୀମ ଉତ୍ସବ' ଅନୁଷ୍ଠିତ ହେବ। ଏହି ଅବସରରେ ସମାଜର ସମସ୍ତ ଶ୍ରେଣୀର ଲୋକଙ୍କୁ ଏକତ୍ର କରି ସମାନତା, ନ୍ୟାୟ ଓ ଭାଇଚାରାର ସନ୍ଦେଶ ପ୍ରସାର କରାଯିବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ ଓ ସମ୍ମାନ ସମାରୋହ ଆୟୋଜନ କରାଯିବ। ଡ଼ଃ ଆମ୍ବେଦକରଙ୍କ ଆଦର୍ଶ ଓ ତାଙ୍କର ଦେଶ ଓ ସମାଜ ପ୍ରତି ଅମୂଲ୍ୟ ଅବଦାନକୁ ସ୍ମରଣ କରାଯିବା ନେଇ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଉତ୍ସବକୁ ସଫଳ କରିବା ପାଇଁ ସଂଗଠନର ସଭାପତି ମନିଶ ପଣ୍ଡାଙ୍କ ନେତୃତ୍ୱରେ ରାଜକୁମାର ଜାଲ, ତରୁଣ ସୁରୁଜାଲ, ଅର୍ଜୁନ ସୁରୁଜାଲ, ଆଶିଷ ଜଗଦଲା ଓ ସିଦ୍ଧାର୍ଥ ଭୋଇ ସମେତ ସଭ୍ୟମାନେ ସକ୍ରିୟ ଭାବେ କାମ କରୁଛନ୍ତି। ସମସ୍ତ ସାଧାରଣଲୋକଙ୍କୁ ଏହି ଭୀମ ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଂଘ ଅନୁରୋଧ କରିଛି।

# ଯାଦବ ସଂଘର ପ୍ରସାଦ ବଣ୍ଟନ

**ସମ୍ବଲପୁର, ୧୧।୪(ସମିସ):** ସମ୍ବଲପୁର ଯାଦବ ସଂଘର ସଦସ୍ୟ ମାନେ କଚେରୀ ସ୍ଥିତ ଶନି ମନ୍ଦିରରେ ପ୍ରସାଦ ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ବଲପୁର ଯାଦବ ସଂଘର କୃଷ୍ଣଚନ୍ଦ୍ର ବାଗ, ଶିବ ଶମ୍ଭୁ ଯାଦବ, ଜୟକିଶୋର ଜାଲ, ହରିହର ଷଣ୍ଡ, ପୀତବାସ ସାନ ବଡ, ବିଜୟଲକ୍ଷ୍ମୀ ବେହେରା, ଗୁଣନିଧି ରାଉତ, ସନ୍ତୋଷ ବାଗ, ରାଜୁ ପୋଡ଼, କାନନ ନାଗ, ଘନଶ୍ୟାମ ମହାକୁର, ଗୋରଖନାଥ ଚାଉଁର, ନିଖିଳ ନାଗ, କ୍ରିଷ୍ଣା ଦୀପ, ନରସିଂହ ବଗର୍ତ୍ତୀ, ତୁଫାନ ବେହେରା, ଲୋକନାଥ ବଗର୍ତ୍ତୀ, ଅଲେଖ ଘିବେଲା, ଜଗଦୀଶ ମଲ୍ଲିକ, ବୈଷ୍ଣବୀ ନାଗ, ଲୋକନାଥ ଅହୀର ପ୍ରମୁଖ ଉପସ୍ଥିତ ଥିଲେ।



# ବିଲାସପୁରରେ ହୋମିଓପାଥି ଦିବସ ପାଳିତ

**ବରଗଡ଼, ୧୧।୪(ସମିସ):** ଝାରବନ୍ଧ ବ୍ଲକ ବିଲାସପୁର ଠାରେ ଶୁକ୍ରବାର ସରକାରୀ ହୋମିଓପାଥି ଚିକିତ୍ସାଳୟରେ ବିଶ୍ୱ ହୋମିଓପାଥି ଦିବସ ପାଳିତ ହୋଇଛି। ଡାକ୍ତର ତନୁଜା ମାଝୀ ଫ୍ରେଡେରିକ ସାମୁଏଲ ହାନ୍ନେମ୍ୟାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ମାଲ୍ୟାର୍ପଣ ସହ ପୂଜାର୍ଚ୍ଚନା କରିଥିଲେ। ଡ. ମାଝୀ ତାଙ୍କ ଅଭିଭାଷଣରେ କହିଥିଲେ ହୋମିଓପାଥି ଔଷଧରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ତା' ସହିତ ଶିଶୁ ଏବଂ ବୃଦ୍ଧଙ୍କ ପାଇଁ ନିରାପଦ ସମସ୍ତ ରୋଗର ଚିକିତ୍ସା ହୋଇପାରିବ ବୋଲି ଲୋକଙ୍କୁ ବୁଝାଇଥିଲେ। ବିଶ୍ୱ ହୋମିଓପାଥି ଦିବସରେ ଅଞ୍ଚଳ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଉପସ୍ଥିତ ଥିବା ସମସ୍ତ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଲାସପୁରଠାରେ ଥିବା ସରକାରୀ ହୋମିଓପାଥି ଚିକିତ୍ସାଳୟରେ ବିନାମୂଲ୍ୟରେ ସୁଲଭ ଚିକିତ୍ସା ସହିତ ବହୁ ରୋଗୀ ଆରୋଗ୍ୟ ଲାଭ କରୁଥିବା ଦେଖିବାକୁ ମିଳୁଛି। ଚିକିତ୍ସାଳୟରେ କାମ କରୁଥିବା ଅକ୍ରୁର ଡୁଡୁକା ଓ ଅନୁପ ପ୍ରଧାନ ସହଯୋଗ କରିଥିଲେ।

# ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳିତ

**ବରଗଡ଼, ୧୧। ୪(ସମିସ):** ବରଗଡ଼ ମହିଳା ସମିତି ପକ୍ଷରୁ ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳନ କରାଯାଇଥିଲା। ଉପଯୁକ୍ତ ପ୍ରସବ ପୂର୍ବ ଏବଂ ପ୍ରସବ ପରବର୍ତ୍ତୀ ଯତ୍ନ, ପୁଷ୍ଟିକର ଖାଦ୍ୟ ଏବଂ ନିରାପଦ ପ୍ରସବ ଅଭ୍ୟାସ ସମ୍ପର୍କରେ ସଚେତନତା ବୃଦ୍ଧି କରି ମାତୃ ମୃତ୍ୟୁକୁ ରୋକିବା ଏହି ଦିବସର ମୂଳଲକ୍ଷ୍ୟ। ଏହି ଅବସରରେ ମହିଳା ସମିତିର ସଦସ୍ୟଗଣ ଖେଦାପାଲି ସ୍ଥିତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ପ୍ରସୂତୀମାନଙ୍କୁ ଫଳ, ବିସ୍କୁଟ, ପାଉଁରୁଟି ଆଦି ଦେବା ସାଙ୍ଗକୁ ପ୍ରସୂତିଙ୍କ ଯତ୍ନ ସମ୍ପର୍କରେ ଉପସ୍ଥିତ ପରିବାର ଜନଙ୍କୁ ସଚେତନ କରାଇଥିଲେ। ସମିତିର ସଭାନେତ୍ରୀ ମନ୍ଦାକିନୀ ପତି, ସମ୍ପାଦିକା ରିନୁ ପତି, ଉପସଭାପତି ସସ୍ମିତା ପଟ୍ଟନାୟକ, ସହସମ୍ପାଦିକା ସୁଜାତା ପ୍ରଧାନ ଓ କୋଷାଧ୍ୟକ୍ଷ ତନିମା ଦାଶଙ୍କ ନେତୃତ୍ୱରେ ସଦସ୍ୟା ଗଣ ଡ଼ା କମଳିନୀ ଶତପଥୀ, ସୁନିତା କର, ରାଧାରାଣୀ ମିଶ୍ର, ଜୟଗୀତା ପଣ୍ଡା, ଇନ୍ଦ୍ରାଣୀ ଶତପଥୀ, ସଙ୍ଗୀତା ଗୁପ୍ତା, ମୀନାକ୍ଷୀ କର, ପଦ୍ମିନୀ ସାହୁ, କବିତା ଦେବତା, ସବିତା ଗୁରୁ, ଭାଗ୍ୟ ଲକ୍ଷ୍ମୀ ଦୋରା, ଜୟନ୍ତୀ ପ୍ରଧାନ, ଜୟଶ୍ରୀ ପଣ୍ଡା, ବାସନ୍ତୀ ଗଡ଼ତିଆ, ମଞ୍ଜୁ ପ୍ରଧାନ, ଡିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ସଂଘମିତ୍ରା ପଟେଲ, ଅନୀମା ଚକ୍ରବର୍ତ୍ତୀ, ସଲୋନି ଦାଶ ପ୍ରମୁଖ ସାମିଲ ହୋଇଥିଲେ। ପ୍ରସୂତୀ ବିଶେଷଜ୍ଞ ଡାକ୍ତର କୁଳମଣି ନାୟକ ଓ ଡ଼ା. କେ.ଆର. ରାଓ, ମ୍ୟାନେଜର ପ୍ରସନ୍ନ ରାଉତ, କର୍ମଚାରୀ ଜ୍ଞାନ କର ଏବଂ ବରିଷ୍ଠ ନର୍ସିଂ ତତ୍ତ୍ୱାବଧାରକ ବଲମା ଦିଦି ପ୍ରମୁଖ ସହଯୋଗ କରିଥିଲେ।

# ସୋହେଲା ମହାବିଦ୍ୟାଳୟରେ ପାରମ୍ପରିକ ପିଠାପଣା କାର୍ଯ୍ୟକ୍ରମ

**ସୋହେଲା, ୧୧।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ସୋହେଲା ମହାବିଦ୍ୟାଳୟରେ ବିଭିନ୍ନ ବିଭାଗର ଛାତ୍ରୀମାନଙ୍କର ଦ୍ୱାରା ଓଡ଼ିଆ ପାରମ୍ପରିକ ପିଠାପଣା ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ମିଶ୍ର, ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ସୁପକାର, ଅଧ୍ୟାପିକା ଡ. ସୁନିତୀ ଦାଶ, ଅଧ୍ୟାପିକା ଅସ୍ମିତା ମିଶ୍ର ତଥା ଅନ୍ୟାନ୍ୟ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି ପିଠାପଣା କାର୍ଯ୍ୟକ୍ରମରେ ଯୁକ୍ତତିନି ବର୍ଷର ଛାତ୍ରୀ ଚେତନା ପାତ୍ର, ପ୍ରାଚୀ ପାତ୍ର, ଦୁଲଣା ସାହୁ, ତ୍ରୀଶା ଝାଙ୍କର, ଶୀତୟା ସାହୁ, ପ୍ରିତସ୍ମା ସା, ଝିଙ୍କି ପଧାନଙ୍କ ସମେତ ଅନେକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପାରମ୍ପାରିକ ପିଠା ମଧ୍ୟରେ ରସବରା, ମହୁଲପିଠା, ମାଣ୍ଡିଆ ତିଖିରୀ, ଆରିସା, କାକରା, ମଣ୍ଡାପିଠା, ଏଣ୍ଡୁରୀ ପିଠା, ନଡ଼ିଆ ଖଜା, ଜାମଗୋଲା ଇତ୍ୟାଦି ପିଠା ପଣା ତିଆରି କରି ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଅସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ଆନ୍ତଃକ୍ଲବ୍ କବାଡ଼ି ଚାମ୍ପିଅନସିପ୍ ଉଦ୍‌ଘାଟିତ

**ସମ୍ବଲପୁର, ୧୧।୪ (ସମିସ) :** ଜିଲ୍ଲା କ୍ରୀଡ଼ା ସଂଘ ସମ୍ବଲପୁର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମ୍ ପଡ଼ିଆରେ ଶନିବାର ମୁଖ୍ୟମନ୍ତ୍ରୀ ଟ୍ରଫି କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି।



ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ସୁନୀଲ ସାହୁ, ରାମଦାସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବାଳକ ବର୍ଗରେ ୧୦ଟି ଦଳ ଏବଂ ବାଳିକା ବର୍ଗରେ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆଜି ୧୬ଟି ଲିଗ୍ ମ୍ୟାଚ୍ ହୋଇଥିବାବେଳେ ଆସନ୍ତାକାଲି ସକାଳେ ଅନ୍ୟ ମ୍ୟାଚ୍ ଗୁଡ଼ିକ ହେବା ସହ ଅପରାହ୍ଣରେ ସେମିଫାଇନାଲ ଏବଂ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡ଼ା ସଂଘର ଖେଳ ସମ୍ପାଦକ ରାଜେଶ ସେଠ ଜଣାଇଛନ୍ତି। ରେଫରୀ ଭାବେ କାର୍ତ୍ତିକ ଚନ୍ଦ୍ର ବାରିକ, ଦିଲ୍ଲୀପ କୁମାର ସାହୁ, ଭଜନ ତରିଆ, ପ୍ରଶାନ୍ତ ସେଠ, ଆନନ୍ଦ ଚନ୍ଦ୍ର ପତି, ରମେଶ ବେରିହା, ନିରଞ୍ଜନ ମେହେର, ଜଗବନ୍ଧୁ ବେହେରା, ଲକ୍ଷ୍ମଣ ନାଥ, ସରସ୍ୱତୀ ସେଠୀ, ଲିଳାବତୀ ମୁଣ୍ଡା, ରାସେଶ୍ୱରୀ ବାଗ, ଗୀତା କଂସାରୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘର ଉମାପତି ତ୍ରିପାଠୀ, ବିକାଶ ମିଶ୍ର, ଅବଦୁଲ ଗଫାର, ମହମ୍ମଦ ଇସାକ, ପଦ୍ମଚରଣ ନାୟକ, ମନୋଜ ଭୋଇ, ବିଭୂତି ଭୂଷଣ ମିଶ୍ର, ଶେର ଅଲ୍ଲିଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ସାଂସଦଙ୍କୁ ଦାବିପତ୍ର ଦେଲେ ବନ୍ଦେଶ୍ୱରୀ ପାଣି ପଞ୍ଚାୟତ ପ୍ରତିନିଧି

**ପଦ୍ମପୁର, ୧୧।୪(ସମିସ)**

ପଦ୍ମପୁର ଅଧୀନ ବନ୍ଦେଶ୍ୱରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ତଥା ଅବ୍ୟବସ୍ଥା ସମ୍ପର୍କରେ ଅଞ୍ଚଳର ଚାରିଟି ପାଣି ପଞ୍ଚାୟତ ର ପ୍ରତିନିଧି ସଦସ୍ୟ ଶୁକ୍ରବାର ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମରୁଡ଼ି ପ୍ରବଣ ଅଞ୍ଚଳର ଜୀବନ ରେଖା ସଦୃଶ ଏହି ପ୍ରକଳ୍ପଟି ୯ ଖଣ୍ଡ ଗ୍ରାମର ପ୍ରାୟ ୧୮୦୦ ହେକ୍ଟର ଜମିକୁ ଖରିଫ ଋତୁରେ ଜଳସେଚିତ କରିବାର ଧାର୍ଯ୍ୟ ରଖି ଆସୁଅଛି। ସରକାରୀ ବିଭାଗୀୟ ଉଦାସିନତା ଯୋଗୁଁ ବିଗତ ଦିନରେ ପ୍ରକଳ୍ପରେ ଅନେକ ଖର୍ଚ୍ଚ ହୋଇଥିଲେ ସୁଦ୍ଧା ସମସ୍ତ କେନାଲକୁ ଜଳସେଚିତ କରାଯାଇ ପାରିନାହିଁ ଏବଂ ତଳମୁଣ୍ଡର ଚାଷୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ମର୍ମରେ ଚାଷୀ ମାନଙ୍କ



ତରଫରୁ ଚାରିଗୋଟି ପାଣି ପଞ୍ଚାୟତର ସଭାପତି ଓ ସମ୍ପାଦକ ସାଂସଦଙ୍କ ସହ ଏପ୍ରସଙ୍ଗରେ ଆଲୋଚନା ପୂର୍ବକ ୬ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡ଼ିକ ହେଲା, ସୁବ୍ୟବସ୍ଥିତ ଜଳସେଚନ ପାଇଁ ସମସ୍ତ କେନାଲର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଲାଇନିଂ କାମ କରିବା, ଚଳିତ ଆର୍ଥିକ ବର୍ଷରେ ପ୍ରକଳ୍ପର ରକ୍ଷଣାବେକ୍ଷଣ ମରାମତି ଓ ଅତ୍ୟାବଶ୍ୟକ ନିର୍ମାଣ କାମପାଇଁ ଅନୂନ୍ୟ ୧୦କୋଟି ଟଙ୍କାର ପାଣ୍ଠି ଯୋଗାଣ, ହେଡ୍ ରେଗୁଲେଟର୍, ସମସ୍ତ କେନାଲ ଆଉଟଲେଟ୍, ଲୁହା କବାଟ, ଇତ୍ୟାଦି ର ମରାମତି କାମ ଆଗାମୀ ବର୍ଷାଋତୁ ପୂର୍ବରୁ ସମ୍ପୂର୍ଣ୍ଣ କରିବା, ଖରିଫ ଚାଷ ଆଗରୁ ସମସ୍ତ କେନାଲ ଶଯ୍ୟା ପଟୁ ନିଷ୍କାସନ ସହ ମରାମତି, ସରକାରଙ୍କ ପ୍ରଚଳିତ ଗ୍ରାଣ୍ଟ- ଇନ୍- ଏଡ୍ ର ବ୍ୟବସ୍ଥା କରିବା, ବିଭାଗୀୟ ଯନ୍ତ୍ରୀଗଣ ପାଣି ପଞ୍ଚାୟତ ସଦସ୍ୟଙ୍କ ସହ ସେଚ ବ୍ୟବସ୍ଥାର ଅନୁଧ୍ୟାନ ମରାମତି ଅଟକଳ ପ୍ରସ୍ତୁତ କରିବା ଏବଂ ଚଳିତ ଖରିଫଋତୁ ପୂର୍ବରୁ କ୍ଷୁଦ୍ର ଜଳସେଚନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ରାଜସ୍ୱ ବିଭାଗୀୟ ଅଧୀକାରୀଙ୍କ ମିଳିତ ସହଯୋଗରେ କେନାଲ ଆଇକଟ୍ ଅନୁସାରେ ଆରୋଆର୍ ପ୍ରସ୍ତୁତ କରି ଜଳ ଉପଭୁକ୍ତାଙ୍କ କ୍ଷେତ୍ରରେ ଜଳକର ଲାଗୁ କରିବା ସମ୍ପର୍କିତ ଦାବି ଗୁଡ଼ିକର ସମାଧାନ କରିବା ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ଦାବି ଗୁଡ଼ିକୁ ସାଂସଦ ଗୁରୁତ୍ୱ ଦେଇ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ ଓ ମୁଖ୍ୟ ଯନ୍ତ୍ରୀଙ୍କୁ ଅବଗତ କରି ଦାବିର ସମାଧାନ କରିବା ବୋଲି କହିଥିଲେ। କୀର୍ତ୍ତି ଚନ୍ଦ୍ର ପାଣ୍ଡେ, ଶୁକଦେବ ମେହେର, ପ୍ରଶାନ୍ତ ସାହୁ ଏବଂ କିଶୋର ଚନ୍ଦ୍ର ଦାଶ ସାଂସଦଙ୍କ ସହ ଆଲୋଚନା କରିଥିଲେ।

# ପାରମ୍ପରିକ ଶସ୍ୟ 'ଗୁରଜି' ପୁନରୁଦ୍ଧାରରେ ଜୟକୁମାର



**ପଦ୍ମପୁର, ୧୧।୪(ସମିସ):** ପଦ୍ମପୁର ଉପଖଣ୍ଡ ଟାଲ ଗ୍ରାମରେ ପାରମ୍ପରିକ କୃଷି ପ୍ରତି ଆକର୍ଷଣ ବଢ଼ାଇବା ପାଇଁ ଏକ ସୁନ୍ଦର ପଦକ୍ଷେପ ନିଆଯାଇଛି। ଗ୍ରାମର ଅବସରପ୍ରାପ୍ତ ଏବିଇଓ. ଜୟକୁମାର ସାହୁ ନିଜ ପ୍ରୟାସରେ ପ୍ରାଚୀନ ଶସ୍ୟ 'ଗୁରଜି' ଚାଷ କରି ଏହାକୁ ପୁନର୍ଜୀବିତ କରିବାରେ ଲାଗି ପଡ଼ିଛନ୍ତି। ଆଜିର ଆଧୁନିକ କୃଷି ପଦ୍ଧତିରେ ଏହି ପ୍ରକାରର ପାରମ୍ପରିକ ଶସ୍ୟ ଧୀରେଧୀରେ ଅନ୍ତର୍ଦ୍ଧାନ ହେଉଥିବାବେଳେ, ଶ୍ରୀ ସାହୁଙ୍କ ଏହି ପଦକ୍ଷେପ ଚାଷୀମାନଙ୍କ ମଧ୍ୟରେ ନୂତନ ଆଶା ସୃଷ୍ଟି କରିଛି। ସେ ନିଜ ଜମିରେ ଗୁରଜି ଚାଷ କରି ସଫଳତା ପାଇବା ପରେ, ଏହାର ଗୁଣ ଓ ପୌଷ୍ଟିକ ମୂଲ୍ୟ ବିଷୟରେ ଚାଷୀମାନଙ୍କୁ ସଚେତନ କରୁଛନ୍ତି। ବିଶେଷ କଥା ହେଲା, ଗୁରଜି ଚାଷକୁ ଆଗେଇ ନେବା ପାଇଁ ଆଗ୍ରହୀ ଚାଷୀଙ୍କୁ ଶ୍ରୀ ସାହୁ ମାଗଣାରେ ଅଧ କିଲୋବିହନ ବଣ୍ଟନ କରିବା ପାଇଁ କହିଛନ୍ତି। ତାଙ୍କ କହିବା ଅନୁସାରେ, ଏହି ପାରମ୍ପରିକ ଶସ୍ୟ କମ୍ ଖର୍ଚ୍ଚରେ ଚାଷ ହୋଇପାରିବା ସହ ଶରୀର ପାଇଁ ବହୁତ ଉପକାରୀ। ସ୍ଥାନୀୟ ଚାଷୀମାନେ ମଧ୍ୟ ଏହି ପ୍ରୟାସକୁ ସ୍ୱାଗତ କରିଛନ୍ତି ଏବଂ ଗୁରଜି ଚାଷ ପ୍ରତି ଆଗ୍ରହ ଦେଖାଉଛନ୍ତି। ଏପରି ସ୍ୱୟଂପ୍ରେରିତ ପ୍ରୟାସ ଗ୍ରାମୀଣ କୃଷିକୁ ନୂତନ ଦିଗ ଦେଖାଇବା ସହିତ ପାରମ୍ପରିକତାକୁ ସୁରକ୍ଷିତ ରଖିବାରେ ମୁଖ୍ୟ ଭୂମିକା ନିର୍ବାହ କରିବାର ଆଶା ରହୁଛି।

### ଅମ୍ବାଭୋନାରେ ଟ୍ରାଫିକ ସମସ୍ୟା

# ସଂକୀର୍ଣ୍ଣ ରାସ୍ତା ଯୋଗୁଁ ଜନସାଧାରଣ ଅତିଷ୍ଠ

ଅମ୍ବାଭୋନା, ୧୧।୪(ସମିସ)

ଓଡ଼ିଶା-ଛତିଶଗଡ଼କୁ ସଂଯୋଗ କରୁଥିବା ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ସୀମାନ୍ତ ମୁଖ୍ୟ ସଡ଼କରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତ୍ୱର ରୂପ ନେଉଛି। ବିଶେଷ କରି ଭୁକ୍ତା ଓ ଅମ୍ବାଭୋନା ମଧ୍ୟରେ ଭାରୀଯାନ ଚଳାଚଳ ବୃଦ୍ଧି ପାଇଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅମ୍ବାଭୋନା ଗ୍ରାମରୁ ଯାଇଥିବା ସଂକୀର୍ଣ୍ଣ ରାସ୍ତା ଏହି ସମସ୍ୟାର ମୂଳ କାରଣ ଭାବେ ଉଭା ହୋଇଛି। ଦୁଇପଟୁ ବସ୍ କିମ୍ବା ଟ୍ରକ୍ ଏକା ସମୟରେ ଆସିଲେ ମଝିରାସ୍ତାରେ ଯାନ୍ ଅଟକିଯାଏ। ଫଳରେ ଛୋଟ ଯାନ, ବାଇକ ଓ ସାଧାରଣ ଯାତ୍ରୀମାନେ ଘଣ୍ଟାଘଣ୍ଟା ଧରି ଜାମରେ ଅଟକି ରହୁଛନ୍ତି। ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ମଧ୍ୟ ସମୟରେ ଚଳାଚଳ କରିପାରୁ ନାହିଁ। ଅମ୍ବାଭୋନା-ରୁଚିଦା ମୁଖ୍ୟସଡ଼କ ଛତିଶଗଡ଼ର ରାୟଗଡ଼, ସାରଙ୍ଗଗଡ଼ ସହ ଝାରସୁଗୁଡା ଜିଲ୍ଲାକୁ ସଂଯୋଗ କରୁଥିବାରୁ ଏହାର ବ୍ୟାପାରିକ ଓ ଯାତାୟାତ ଗୁରୁତ୍ୱ ଅଧିକ। ମହାନଦୀ ଉପରେ ଚିଖିଲି-ମହୁଲପାଲି ସେତୁ ସମ୍ପୂର୍ଣ୍ଣ ହେବାପରେ ଯାନ ଚଳାଚଳ ଆହୁରି ବୃଦ୍ଧି ପାଇଛି, ଯାହା ଟ୍ରାଫିକ ଚାପକୁ ବଢ଼ାଇଦେଇଛି। ଫଳରେ କାର୍ଯ୍ୟାଳୟ କର୍ମଚାରୀ ଓ ସ୍କୁଲ ଛାତ୍ରଛାତ୍ରୀମାନେ ଠିକ୍ ସମୟରେ ଗନ୍ତବ୍ୟସ୍ଥାନରେ ପହଞ୍ଚି ପାରୁ ନାହାନ୍ତି। ସ୍ଥାନୀୟ ଲୋକେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ବହୁବାର ଅବଗତ କରାଇଥିଲେ ମଧ୍ୟ ସମାଧାନ ହୋଇପାରି ନାହିଁ। ଅମ୍ବାଭୋନା ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିବା ସତ୍ତ୍ୱେ କାମର ବିଳମ୍ବକୁ ନେଇ ସଚେତନ ମହଲ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସରକାରୀସ୍ତରରେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା କୁହାଯାଉଥିଲେ ମଧ୍ୟ କାମ କାହିଁକି ଧୀର ଗତିରେ ଚାଲୁଛି



## ବାଇପାସ୍ ବିଳମ୍ବକୁ ନେଇ ଉଠୁଛି ପ୍ରଶ୍ନ

ବୋଲି ପ୍ରଶ୍ନ ଉଠୁଛି। ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କ ଓଡ଼ିଶାର ବରଗଡ଼ ଜିଲ୍ଲାକୁ ପଡ଼ୋଶୀ ରାଜ୍ୟ ସହ ଯୋଡ଼ିଥିବାରୁ ବାଣିଜ୍ୟ ଓ ଯାତାୟାତ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ। ତେଣୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶୀଘ୍ର ବାଇପାସ୍ ନିର୍ମାଣ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

# 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ପଦ୍ମପୁର, ୧୧।୪(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ। ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସମ୍ପାଦକ ଜନକଲାଲ ମେହେର ଅତିଥି ପରିଚୟ, ସ୍ୱାଗତଭାଷଣ ଓ ଉଦ୍ଦେଶ୍ୟ କଥନ କରିଥିଲେ। ଜୀବନାନନ୍ଦ ଗୁରୁଜୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସୁଜାତା ତ୍ରିପାଠୀ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୭୮ ଜଣ ପିତାମାତା ଉପସ୍ଥିତ ରହି ନିଜର ଶିଶୁର ସାମଗ୍ରୀକ ବିକାଶରେ ସହାୟକ ହୋଇଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ 'ଆସ ବହିଟିଏ କିଣିବା ଅଭିଯାନ'



**ପଦ୍ମପୁର, ୧୧।୪(ସମିସ):** ବୁଧବାର ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଚାଲିଥିବା 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ତତ୍ତ୍ୱାବଧାନରେ ଏକ ଅଭିନବ ତଥା ପ୍ରେରଣାଦାୟୀ କାର୍ଯ୍ୟକ୍ରମ 'ଆସ ବହିଟିଏ କିଣିବା ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ପୁସ୍ତକ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି କରିବା ପାଇଁ ଏକ ସୁନ୍ଦରପ୍ରୟାସ କରାଯାଇଥିଲା। ଅଧ୍ୟାପକ ଡ. ସରୋଜ କୁମାର ନାଏକ, ନିର୍ମଳ କୁମ୍ଭାର, ବିପିନ ପାଇକ, ଅଧ୍ୟାପିକା ରୀନା ଧର୍ମବିନାୟକ, ନିକିତା ଭୋଇ, ସୁରେଶ୍ୱରୀ ପାଣ୍ଡେ ଓ ମୌସୁମୀ ବାରିକଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ସ୍ଥାନୀୟ ବିଶ୍ୱଭାରତୀ ପୁସ୍ତକ ଭଣ୍ଡାର, ସାରସ୍ୱତ ପୁସ୍ତକଭଣ୍ଡାର ଓ ବିଦ୍ୟାର୍ଥୀ ଭବନ ପରିଦର୍ଶନ କରି ବିଭିନ୍ନ ରୁଚିର ପୁସ୍ତକ ଚୟନ କରିବା ସହ ସାହିତ୍ୟ ସହ ଯୋଡ଼ି ହେବାର ସୁଯୋଗ ପାଇଥିଲେ। ମହାବିଦ୍ୟାଳୟର ଏହି ପଦକ୍ଷେପ ବିଦ୍ୟାର୍ଥୀମାନଙ୍କ ବୌଦ୍ଧିକ ବିକାଶ ଓ ପଠନ ଅଭ୍ୟାସ ବୃଦ୍ଧି କ୍ଷେତ୍ରରେ ବେଶ ସହାୟ ହୋଇଛି।

### ବରଗଡ଼ରେ ଗଣ ବିବାହ

# ବିବାହ ବନ୍ଧନରେ ବାନ୍ଧିହେଲେ ୭ ଯୋଡ଼ା ବରକନ୍ୟା

**ବରଗଡ଼, ୧୧।୪(ସମିସ):** ସାମାଜିକ ପରିବର୍ତ୍ତନ ଓ ଆର୍ଥିକ ମୁକ୍ତିର ବାର୍ତ୍ତାଦେଇ ବରଗଡ଼ରେ ସମ୍ପନ୍ନ ହେଲା ଆଦର୍ଶ ଗଣ ବିବାହ। କେବଳ ୨ଟି ଫୁଲମାଳରେ ବାଛିଥିଲେ ଜୀବନସାଥୀ। ଏଭଳି ଏକ ନିଆରା ଓ ଆଦର୍ଶ ଗଣବିବାହ ଶନିବାର ବରଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବିନା ଯୌତୁକରେ ୭ ଯୋଡ଼ି ବରକନ୍ୟା ପବିତ୍ର ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲା। ସ୍ଥାନୀୟ ବାବା ସାହେବ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜ୍ୟୋତିରାଓ ଫୁଲେଙ୍କ ୧୯୯ ତମ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା ଟ୍ରଷ୍ଟର ଚ୍ୟାରମ୍ୟାନ ଗୁଣମଣୀ ସୁନାନୀ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ରାକେଶ ଚୌହାନ, ଜଳ ସମ୍ପଦ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଗୁରୁଚରଣ ହରପାଲ, ଜେଠୁ ଭୋଇ, ରମେଶ ମହାପାତ୍ର, ଉଦ୍ଧବ ମହାନନ୍ଦ, ବଳରାମ ଦୀପ ଉପସ୍ଥିତ ଥିଲେ। ଗଣ ବିବାହରେ କନ୍ୟାପକ୍ଷ ମାତାପିତା ଭାବେ ହିମାଂଶୁ ଶେଖର ମେହେର ଓ ଚନ୍ଦନା ରଥ ଏବଂ ବରପକ୍ଷ ମାତାପିତା ଭାବେ ଅଚ୍ୟୁତାନନ୍ଦ ବାରିକ ଓ ଅନ୍ନପୂର୍ଣ୍ଣା ବାରିକ ଦାୟିତ୍ୱ ନିର୍ବାହ କରିଥିଲେ। ସଂସ୍ଥାପକ ପବିତ୍ର ଦେହେରିଙ୍କ ସମେତ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ଏବଂ ସମ୍ବିଧାନ ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ସେହିପରି ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ନିହଲା ସିଂ, ଲେଙ୍କେଶ ରାବଣ, ବରଗଡ଼ ମହିଳା ସମିତି ପୂର୍ବତନ ସଭାପତି ଅଞ୍ଜନା ଦାସ, ମନ୍ଦାକିନୀ ପତି, ଅନୁପମା ନାଗ, ଜରିନା ବେଗମ, ସୁନିତା ବାଘ, ନରେନ୍ଦ୍ର ନାୟକ, ପ୍ରଶାନ୍ତ ବେହେରା, କିଶୋର ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ଭେଡେନ ବିଡିଓ କର୍ଣ୍ଣ ସୁନା ଏବଂ ବରଗଡ଼ର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଦସ୍ୟମାନେ ଉପସ୍ଥିତ ଥିଲେ।



# ପଦ୍ମପୁରରେ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ ଦାବି

**ପଦ୍ମପୁର, ୧୧।୪(ସମିସ):** ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡର ୬ଟି ଯାକ ବ୍ଲକରେ ଗାଡ଼ି ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଥିବା ବେଳେ ପଦ୍ମପୁର ଠାରେ ଏକ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ଏନେଇ ବରଗଡ଼ ସାଂସଦ ପ୍ରଦୀପ



ପୁରୋହିତ ଗତ ୩ ତାରିଖରେ ଭୁବନେଶ୍ୱର ଠାରେ ପରିବହନ ମନ୍ତ୍ରୀ ବିଭୁତିଭୂଷଣ ଜେନାଙ୍କୁ ସାକ୍ଷାତକରି ଲିଖିତ ଦାବି ଜଣାଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ। ଏହି ଉପଖଣ୍ଡର ଝାରବନ୍ଧ, ପାଇକମାଳ ବ୍ଲକରୁ ବରଗଡ଼ ଯିବାପାଇଁ ପ୍ରାୟ ୧୦୦ରୁ୧୫୦ କିଲୋମିଟର ଦୂର ପଡ଼ିଥାଏ। ଏହି ଉପଖଣ୍ଡର ଜନସାଧାରଣ ସାଧାରଣ ବାଇକଟିଏ କିଣିଲେ ପଞ୍ଜୀକରଣ କରିବାକୁ ବରଗଡ଼କୁ ଦୌଡ଼ିଥାନ୍ତି। ଥରକେ କାଗଜପତ୍ର ହୋଇପାରୁ ନଥିବା ବେଳେ ବାରମ୍ବାର ଯାଇ ହଇରାଣ ହୋଇଥାନ୍ତି। ସେହିପରି ଲାଇସେନ୍ସ ପାଇଁ ଯାଉଥିବା ନୂଆ ଚାଳକ ବାରମ୍ବାର ଯାଇ ଦଲାଲ ହାବୁଡ଼ରେ ପଡ଼ି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପଦ୍ମପୁରରୁ ବରଗଡ଼ ୮୦ କିଲୋମିଟର ପଡୁଥିବାରୁ ବିଭାଗ ପକ୍ଷରୁ ପଦ୍ମପୁର ଆସି ସବୁବେଳେ ଗାଡ଼ିମୋଟର ଯାଞ୍ଚ ହୋଇ ପାରୁନାହିଁ। ଯାହାକି ଭାରୀଯାନ କ୍ଷମତାଠାରୁ ଅଧିକ ମାଲ ବୋଝେଇ କରି ରାଜସ୍ୱ ମଧ୍ୟ କ୍ଷତି କରୁଛନ୍ତି। ଏହି ଦୃଷ୍ଟିରୁ ପଦ୍ମପୁର ଠାରେ ଏକ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ କରାଗଲେ ଜନସାଧାରଣ ଉପକୃତ ହେବାସହିତ ରାଜସ୍ୱ ବୃଦ୍ଧି ପାଇବ। ତେଣୁ ସରକାର ଯଥାଶୀଘ୍ର ଧ୍ୟାନଦେଇ ଏହି କାର୍ଯ୍ୟାଳୟ ସ୍ଥାପନ କରିବାକୁ ଦାବି ହେଉଛି।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



**ଝାରବନ୍ଧ, ୧୧।୪(ସମିସ):** ବରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ବରିଷ୍ଠ ଆଦିବାସୀ ନେତା ଗୋବର୍ଦ୍ଧନ ଭୁଏଁଙ୍କୁ ଝାରବନ୍ଧରେ ସମ୍ମାନିତ କରାଯାଇଛି। ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ, ଝାରବନ୍ଧ ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମାଜ ଓ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ। ସଂଘର ସଭାପତି ଚୈତନ୍ୟ ବରିହାଙ୍କ ନେତୃତ୍ୱରେ ସଦସ୍ୟ ସୌଦାଗର ବରିହା, ଚୈତନ୍ୟ ନାଏକ ଓ ଅନ୍ୟମାନେ ସ୍ୱାଗତ ଜଣାଇଥିଲେ। ଏହାସହ ଗଣ୍ଡ ସମାଜର ତୁର୍ଲା ସର୍କଲ ସମ୍ପାଦକ ବିସିକେଶନ ଧରୁଆ, କନ୍ଧ ସମାଜର ସମ୍ପାଦକ ଜୟନ୍ତ ଦୁଧେକା, ବଞ୍ଜାରା ସମାଜର ଜିଲ୍ଲା ସଭାପତି କ୍ଷୀରସାଗର ନାଏକ, ବିଜେପି ନେତା ମାନଭଞ୍ଜନ ମିର୍ଦ୍ଧା, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରାଙ୍କ ସହିତ ଗରିବ ଭୁଏ ଓ ଅନ୍ୟାନ୍ୟ ନେତାମାନେ ଶ୍ରୀ ଭୁଏଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ସମାଜର ସାମଗ୍ରିକ ଉନ୍ନତି ତଥା ଝାରବନ୍ଧରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲେ।

# ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ

**ବରଗଡ଼, ୧୧।୪(ସମିସ):** ବିକାଶ ହାୟର ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ନର୍ସିଂ କଲେଜ ଦ୍ୱାରା ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମଟି ବରଗଡ଼ସ୍ଥିତ ରୁହୁଣିଆ ଗ୍ରାମରେ ନର୍ସିଂ କେଲଜର ବି.ଏସ୍.ସି. ନର୍ସିଂ ସପ୍ତମ ସମିଷ୍ଟାରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ଏକ ନାଟକ ତଥା ସାସ୍ଥ୍ୟ ଶିକ୍ଷା ପ୍ରଦାନ କରିଥିଲେ। ପ୍ରସବ ପରେ ରକ୍ତସ୍ରାବ ଓ ଉଚ୍ଚ ବିପଦପୂର୍ଣ୍ଣ ଗର୍ଭଧାରଣ ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। କାର୍ଯ୍ୟକ୍ରମଟି ନର୍ସିଂ ଅଧ୍ୟାପିକା ଲଭଲି ଦାସ ଓ କଲେଜର ଅଧ୍ୟକ୍ଷା ଦିପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ଅନ୍ୱେଷିତା ସାହୁ ସହଯୋଗ କରିଥିଲେ।



# ଓଡ଼ିଆ ପକ୍ଷ ଅବସରରେ ସଂକୀର୍ତ୍ତନ

**ପଦ୍ମପୁର, ୧୧।୪(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଚାଲିଥିବା 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଏକ ନିଆରା କାର୍ଯ୍ୟକ୍ରମ 'ଲୋକକଳା ପାଇଁ ଦିନଟିଏ' ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଆମ ମାଟିର ପାରମ୍ପରିକ ଲୋକକଳା ସଂକୀର୍ତ୍ତନର ସ୍ୱର ଗୁଞ୍ଜରିତ ହୋଇଥିଲା। ଏହି ଅବସରରେ ଅଧ୍ୟାପକ ଓ ଛାତ୍ରମାନେ ପାରମ୍ପରିକ ପୋଷାକ ପରିଧାନ କରି ସଂକୀର୍ତ୍ତନ ପରିବେଷଣ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର, ଡ. ସରୋଜ କୁମାର ନାଏକ, ପ୍ରଦୀପ କୁମାର ପଣ୍ଡା ଓ ବିପିନ ପାଇକଙ୍କ କଣ୍ଠରେ ହରିନାମ ସଂକୀର୍ତ୍ତନ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରମୋଦ କୁମାର ପାଣିଗ୍ରାହୀ ଓ ଛାତ୍ର କିରଣ କୁମାର ବାଗ ସହଯୋଗ କରିଥିଲେ। ପ୍ରସାଦ ସେବନ କରି ପାରମ୍ପରିକ ରୀତିରେ ଏହି ଦିନଟିକୁ ସ୍ମରଣୀୟ କରିଥିଲେ।

# ବୁଢାରଜାଙ୍କ ପ୍ରତିଷ୍ଠା ଉତ୍ସବ ସମାପ୍ତ

**ବରଗଡ଼, ୧୧।୪(ସମିସ):** ବରଗଡ଼ ଜିଲ୍ଲା ଗୁଦେରପାଲି ପଞ୍ଚାୟତ ଅଧୀନ ଜାମୁଡପାଲି ଗ୍ରାମ ଆଜି ଧାର୍ମିକ ଉତ୍ସାହ, ଭକ୍ତି ଓ ପାରମ୍ପରିକତାର ଏକ ଅଦ୍ଭୁତ ମିଶ୍ରଣକୁ ସାକ୍ଷୀ ହୋଇଛି। ବୈଶାଖ କୃଷ୍ଣପକ୍ଷ ଚତୁର୍ଥୀ, ସୋମବାର ଆରମ୍ଭ ହୋଇଥିବା ବୁଢାରଜା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ବୈଶାଖ କୃଷ୍ଣପକ୍ଷ ଅଷ୍ଟମୀ ଦିନ ଭବ୍ୟ ଭାବରେ ସମାପ୍ତ ହୋଇଛି। ଏହି ଚାରିଦିନିଆ ମହୋତ୍ସବ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ପ୍ରଥମ ଦିନ ଅଙ୍କୁରାରୋପଣ, ଆଜ୍ଞାମାଳ ଗ୍ରହଣ ଓ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ସୂର୍ଯ୍ୟପୂଜା, ଗୋପୂଜା ଓ ଶାଳାପ୍ରବେଶ ଅନୁଷ୍ଠିତ ହୋଇଥିଲା। ଏହାସହ ନାମଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଥିଲା। ତୃତୀୟ ଦିନ ବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠା, ରୁଦ୍ରାଭିଷେକ, ଯୂପ ପୂଜନ, ଚଣ୍ଡୀହବନ, ରୁଦ୍ରହୋମ ଓ ବିଶେଷ ହୋମ ଭଳି ବିଭିନ୍ନ ବୈଦିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଚତୁର୍ଥ ଦିନ ଶିଖର ସ୍ନାନ, ଧ୍ୱଜା ସ୍ଥାପନ ଓ ବିଗ୍ରହମାନଙ୍କ ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୂତି ହୋଇଥିଲା। କିଶୋର ଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ବିଜେପୁର ବିଧାୟକ ସନତ ଗଡ଼ତିଆ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହାସହ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣୟ ସାହୁ, ସରପଞ୍ଚ ରାମଚନ୍ଦ୍ର ପାତ୍ର, ଅଧ୍ୟାପକ ଧନପତି ଦେବତା, ଡା. ଅର୍ଜୁନ ଦେବତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଭିନ୍ନ ଦିନରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଜିଲ୍ଲାପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବ୍ଲକ ଚେୟାରମ୍ୟାନ ପ୍ରଣୟ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ମନ୍ଦିର ପ୍ରତିଷ୍ଠା ପୂଜାକାର୍ଯ୍ୟ ପଣ୍ଡିତ ବିଷ୍ଣୁ ପ୍ରସାଦ ମିଶ୍ର, ପଣ୍ଡିତ ଜଗଦୀଶ ମିଶ୍ର, ପଣ୍ଡିତ ମନୋଜ ପଣ୍ଡା, ପଣ୍ଡିତ ଶ୍ୱେତ କୁମାର ମିଶ୍ର ଓ ପଣ୍ଡିତ ଯତୀନ୍ଦ୍ର ଦେବତାଙ୍କ ଦ୍ୱାରା ସଫଳତାର



ସହିତ ସମ୍ପାଦିତ ହୋଇଥିଲା। ଏହି ମହୋତ୍ସବରେ ସସ୍ତ୍ରୀକ କର୍ତ୍ତା ଭାବେ ଚନ୍ଦନ ଦେବତା, ଶାନ୍ତନୁ ମାଝୀ, ଡିଙ୍ଗିର ସାହୁ, ପ୍ରଫୁଲ୍ଲ ସାହୁ, ସୁରେଶ ଚନ୍ଦ୍ର ଭୋଇ, ଫାଲଗୁନି ସାହୁ, ରାମଚନ୍ଦ୍ର ମାଝୀ ଓ କିଶୋର ଚନ୍ଦ୍ର ଦେବତା ପ୍ରମୁଖ ନିର୍ବାହ କରିଥିଲେ। ବୁଢାରଜା ମନ୍ଦିର ପ୍ରତିଷ୍ଠା କମିଟିର ସଭାପତି ସୁରୁବାବୁ ସିଂ ବରିହା, କୋଷାଧ୍ୟକ୍ଷ ନରେଶ ମାଝୀ ଓ ସଦସ୍ୟମାନେଶୁକ୍ରୁ ମାଝୀ, ଗିଳନ୍ଧର ଡୁମାଲ, ମଙ୍ଗଳୁ ଡୁମାଲ, ଚରଣ ଭୁଏ, ନବୀନ ଡୁମାଲ, ବେଣୁଧର ଡୁମାଲ, ଶୁକଦେବ ରାଏ, ମିଠେଇ ଡୁମାଲ, କୁଳମଣି ପାଇକ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଭେଡେନ୍ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତା

# ମାନସ ଇଲେଭେନ ଓ ପାୱାରହିଟର ବିଜୟୀ

ଭେଡେନ୍, ୧୧।୪(ସମିସ)

ଭେଡେନ ସ୍ଥିତ ରଣଜିତା ଖେଳ ପଡ଼ିଆଠାରେ ଚାଲିଥିବା ଭେଡେନ ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ୍ ପ୍ରତିଯୋଗିତାରେ ତିନୋଟି ଲିଗ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ ରୋୟଲ ଚାମ୍ପିଅନ ଓ ମାନସ ଇଲେଭେନ ଭେଡେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୋୟଲ ଚାମ୍ପିଅନ ପ୍ରଥମ ବ୍ୟାଟିଂ କରି ୧୨ ଓଭରରେ ୯ ଉଇକେଟ ହରାଇ ୯୬ ରନ୍ ସଂଗ୍ରହ କରିଥିଲା। ମାନସ ଇଲେଭେନ ୩ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତିଥିଭାବରେ ସୂର୍ଯ୍ୟକୁମାର ଦେହେରି ଯୋଗଦାନ କରି ଲିପୁନ ବେହେରାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ ପାୱାର ହିଟର ଓ ରୋୟଲ ଚାମ୍ପିଅନ ମଧ୍ୟରେ ଅନୁଷ୍ଠିତ ହୋଇ ପାୱାର ହିଟର ବ୍ୟାଟିଂ କରି ୧୫୦ରନ ସଂଗ୍ରହ କରିଥିବାବେଳେ ଜବାବରେ ରୋୟଲ ଚାମ୍ପିଅନ ୭ ଉଇକେଟ ହରାଇ ୧୨୯ ରନ କରିଥିଲା। ଫଳରେ ୨୧ରନ୍‌ରେ ପାୱାର ହିଟର ବିଜୟୀ ହୋଇଥିଲା। ଜ୍ଞାନରଞ୍ଜନ ପଣ୍ଡା ଯୋଗଦାନ କରି ପାୱାର ହିଟର ଦଳର ତେଜରାଜ ରୋହିଦାଶଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ତୃତୀୟ ମ୍ୟାଚ୍ ଡେୟାର ଫାଇଟର ଓ ପିସି ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଡେୟାର ଫାଇଟର ବ୍ୟାଟିଂ କରି ୧୨୧ରନ୍ କରିଥିବା ବେଳେ ପିସି ଇଲେଭେନ ମଧ୍ୟ ୧୨୧ ରନ୍ କରିଥିଲା। ଅତିଥିଭାବରେ ରାଜେଶ ଅଗ୍ରୱାଲ ଯୋଗଦାନ କରି ପିସି ଇଲେଭେନ ସୁରଜ ସାହୁଙ୍କୁ ମ୍ୟାନ ଅପ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠିତ ସମସ୍ତ ଖେଳକୁ ପ୍ରଦୀପ ମେହେର, କୁନା ସୁନା, ଲାଲା ବନଛୋର, ପ୍ରସନ୍ନ ଦାଶ, ସୁନୀଲ ଅଦାବର ପରିଚାଳନା କରିଥିବାବେଳେ ମ୍ୟାଚ୍ ରେଫରି ଭାବରେ ଦୀପକ ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବରେ ରାଜା ନାଏକ ଓ ରାଜ ମେହେର ଦାୟିତ୍ୱ ନେଇଥିଲେ। ଅନୁଷ୍ଠିତ ଖେଳର ଧାରାବିବାରଣୀ ଲିପୁନ ବେହରା ଓ ସୁଦାମ ମେହେର, ଏମଡି ରାଜୁ, ଲିପୁନ ବେହେରା, ସୂର୍ଯ୍ୟ କୁମାର ଦେହେରି ପ୍ରଦାନ କରିଥିଲେ।





# ଲୁପୁରସିଂହା ରାଷ୍ଟ୍ରୀୟ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭେଡେନ, ୧୧।୪(ସମିସ):** ଭେଡେନ ବ୍ଲକ ଲୁପୁରସିଂହା ରାଷ୍ଟ୍ରୀୟ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଅଲେଖ




ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ କୃଷି ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନରେନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ଡ.ନାରାୟଣ ଭୋଇ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ରଷ୍ଟୁଭ ହୋତା, ପ୍ରକାଶ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଗୁରୁମା ପିଙ୍କି ବସ୍ତିଆ ଅତିଥିପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଉପେନ୍ଦ୍ର ରଣା ବାର୍ଷିକ ବିବରଣୀ ଓ ଗୁରୁଜୀ ସତ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୃତ୍ତି ପରୀକ୍ଷାରେ କୃତୀତ୍ୱ ହୋଇଥିବା ଅନବେଶ ପାତ୍ର ଓ ରାକେଶ ରଞ୍ଜନ ସାହୁ ଏବଂ ଆଦର୍ଶ ପରୀକ୍ଷାରେ ଉନ୍ନୀତ ହୋଇଥିବା ଅମିତ ମିଶ୍ର ଓ ଉମା ମହେଶ୍ୱରି ଦନ୍ତା ସମେତ ଅନେକ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ଗଣ ପୁରସ୍କାର ବିତରଣ କରିଥିଲେ। ପରିଚାଳନାରେ ସମସ୍ତ ଗୁରୁଜୀ ଗୁରୁମା, କମିଟି ସଦସ୍ୟ ସହଯୋଗ କରିଥିଲେ। ନୃତ୍ୟଗୁରୁ ନିଲୁ କାଣ୍ଡ, ନାଟ୍ୟ ନିର୍ଦ୍ଦେଶକ ସୁନୀଲ ପଣ୍ଡା, ସାମ୍ବାଦିକ ମୁକୁନ୍ଦ ଷଡ଼ଙ୍ଗୀଙ୍କୁ ସମ୍ମାନିତ କରାଯାଇଥିଲା।

